ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-58-12/4/21



## କ୍ୟାବିନେଟ୍ ନିଷ୍ପତ୍ତି

'ଅନ୍ୱେଷା' କାର୍ଯ୍ୟକ୍ରମର ଅବଧି ୫ ବର୍ଷକୁ ବୃଦ୍ଧି

ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ବାଗ୍‌ଚୀ-କରୁଣାଶ୍ରୟ ଉପଶମ-ଯତ୍ନ କେନ୍ଦ୍ର ଏବଂ ବାଗ୍‌ଚୀ-ଶଙ୍କର କ୍ୟାନ୍‌ସର୍ ହସ୍‌ପିଟାଲ୍

ଭୁବନେଶ୍ୱର, ୧୨.୪.୨୧

ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ କମିଟି ବୈଠକରେ ୧୦ ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକ ଅନୁସୂଚିତ ଜାତି ଓ ଜନଜାତି, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍, ସଂସଦ ବ୍ୟାପାର ଏବଂ ଖଣି ଓ ଇସ୍ପାତ ବିଭାଗ ସଂପର୍କିତ । ମୁଖ୍ୟ ନିଷ୍ପତ୍ତି ଗୁଡ଼ିକ

ମଧ୍ୟରେ ରହିଛି ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କ ନିମନ୍ତେ ଗୁଣାତ୍ମକ ଶିକ୍ଷା ପାଇଁ 'ଅନ୍ୱେଷା' କାର୍ଯ୍ୟକ୍ରମର ଅବଧି ପରବର୍ତ୍ତୀ ୫ ବର୍ଷକୁ ବୃଦ୍ଧି; ଭୁବନେଶ୍ୱରଠାରେ ବାଗ୍‌ଚୀ-କରୁଣାଶ୍ରୟ ଓ ଉପଶମ ଯତ୍ନ କେନ୍ଦ୍ର ଏବଂ ବାଗ୍‌ଚୀ-ଶଙ୍କର କ୍ୟାନସର ହସ୍‌ପିଟାଲ୍ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା; ଓଡ଼ିଶା ସବ୍ ଅର୍ଡ଼ିନେଟ୍ ୱେଲ୍‌ଫେୟାର ସର୍ଭିସ ନିୟମ-୧୯୯୨ରେ ଆଂଶିକ ସଂଶୋଧନ; ଓଡ଼ିଶା ୱେଲ୍‌ଫେୟାର ସର୍ଭିସ ନିୟମ-୧୯୯୨ରେ ଆଂଶିକ ସଂଶୋଧନ; ଓଡ଼ିଶା ଲାବ୍ରୋଟରୀ ଟେକ୍‌ନିସିଆନ୍ ସର୍ଭିସ ନିୟମ-୨୦୧୯ରେ ସଂଶୋଧନ; ଓଡ଼ିଶା ଜୁଡ଼ିସିଆଲ୍ ସର୍ଭିସ ନିୟମ-୨୦୦୭ରେ ଆଂଶିକ ପରିବର୍ତ୍ତନ ।

ସବିଶେଷ ସୂଚନା ନିମନ୍ତେ କ୍ୟାବିନେଟ୍ ନିଷ୍ପତ୍ତି ଗୁଡିକର ବିବରଣୀ ଏହାସହିତ ସଂଲଗ୍ନ କରାଗଲା ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ